**ରେଡକ୍ରସ ତରଫରୁ ସଚେତନତା କାର୍ଯ୍ୟକ୍ରମ**
ସୁନାବେଡ଼ା (ସ୍ୱ. ପ୍ର)- ଭାରତୀୟ ରେଡକ୍ରସ ସୋସାଇଟି, କୋରାପୁଟ ଜିଲା ଶାଖା ଓ ଜୁନିୟର ରେଡକ୍ରସ ଶାଖାର ମିଳିତ ଉଦ୍ୟମରେ ସେମିଳିଗୁଡା ବ୍ଲକ ରାଜପୁଟ ପଞ୍ଚାୟତ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମରେ ସ୍ୱାସ୍ଥ୍ୟ କିଟ୍ ବଣ୍ଟନ ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲା ଶାଖାର ସମ୍ପାଦକ ତଥା ଜରୁରିକାଳୀନ ଅଧିକାରୀ ଜ୍ଞାନଜିତ୍ ତ୍ରିପାଠୀ, ରେଡକ୍ରସର ଆଜୀବନ ସଦସ୍ୟ ଶେଖ ଇବ୍ରାହିମ, ସ୍ୱେଚ୍ଛାସେବୀ ଗୋବିନ୍ଦ ବଲ୍ଲଭ ପାଢ଼ୀ, ଚିନ୍ତାମଣି ପୃଷ୍ଟି ଏବଂ ସ୍ୱରାଜ ରାୟ ଉପସ୍ଥିତ ଥିଲେ। ରେଡକ୍ରସ ସଦସ୍ୟମାନେ କୋଭିଡ୍-୧୯ ଓମିକ୍ରନ୍ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଜୁନିୟର ରେଡକ୍ରସର ଜିଲା ସାଧନକର୍ମୀ ଶାହେଦା ପରଭିନ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗ୍ରାମବାସୀଙ୍କୁ କରୋନାରୁ ସୁରକ୍ଷିତ ରହିବା ପାଇଁ ମାସ୍କ ବ୍ୟବହାର କରିବା, ସାମାଜିକ ଦୂରତା ରକ୍ଷା କରିବା ବାବଦରେ ପରାମର୍ଶ ଦେଇଥିଲେ।

# ଖର୍ଚ୍ଚ ସୀମା ନେଇ ଆଲୋଚନା କଲେ ପର୍ଯ୍ୟବେକ୍ଷକ

**ନବରଙ୍ଗପୁର/ଡାବୁଗାଁ, ୩୦।୧(ବି.ପ୍ର./ଡି.ଏନ୍.ଏ.)**

ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିୟମକୁ କଡ଼ାକଡ଼ି ପାଳନ କରି ନବରଙ୍ଗପୁର ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ କିପରି ଅବାଧ, ନିରପେକ୍ଷ ଓ ଶାନ୍ତି ଶୃଙ୍ଖଳାର ସହ ସମ୍ପାଦନା ହେବ ସେ ନେଇ ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ଥିବା ଜିଲାପରିଷଦ, ସମିତି ସଭ୍ୟ, ସରପଞ୍ଚ ପ୍ରାର୍ଥୀଙ୍କୁ ନେଇ ନିର୍ବାଚନ ଖର୍ଚ୍ଚ ବିଷୟରେ ଆଲୋଚନା ହୋଇଥିଲା।

ଖର୍ଚ୍ଚ ପର୍ଯ୍ୟବେକ୍ଷକ ରାଜକିଶୋର ପଲେଇ ଯୋଗଦେଇ ନିର୍ବାଚନ ଆୟୋଗଙ୍କ ନିୟମ ଅନୁଯାୟୀ ପ୍ରାର୍ଥୀମାନେ ନିର୍ବାଚନ ଖର୍ଚ୍ଚ କରି ଖର୍ଚ୍ଚ ବିବରଣୀ ସମ୍ପୃକ୍ତ ନିର୍ବାଚନ ଅଧିକାରୀଙ୍କ ଠାରୁ ପାଇଥିବା ନିର୍ଦ୍ଦିଷ୍ଟ ଖର୍ଚ୍ଚ ରେଜିଷ୍ଟରରେ ଲେଖିବା ପାଇଁ ପରାମର୍ଶ ଦେଇଛନ୍ତି। ଆବଶ୍ୟକ ସ୍ଥଳେ ସୂଚନା ପାଇବା ପରେ ନିର୍ଦ୍ଧାରିତ ତାରିଖରେ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ପାଖରେ ଦାଖଲ କରିବା ପାଇଁ କୁହାଯାଇଛି। ପ୍ରାର୍ଥୀ କିଭଳି ନିର୍ବାଚନ ଆୟୋଗଙ୍କ ନିୟମ ଅନୁଯାୟୀ ନିର୍ବାଚନି ଖର୍ଚ୍ଚ କରିପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ସେହିପରି କରୋନା କଟକଣା ମଧ୍ୟରେ ଅବାଧ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟାରେ ଜିଲାପାଳ କମଳ ଲୋଚନ ମିଶ୍ର ସମସ୍ତଙ୍କ ସହଯୋଗ କାମନା କରିଥିଲେ। ନିର୍ବାଚନ ଆୟୋଗଙ୍କ ନିୟମ ଅନୁଯାୟୀ ଜଣେ ଜିଲା ପରିଷଦ ପାର୍ଥୀ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ। ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀଙ୍କ ପାଇଁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ସେହିପରି ଜିଲା ପରିଷଦ ପ୍ରାର୍ଥୀ ନିର୍ବାଚନ ପ୍ରଚାର ପାଇଁ ୧୦ ମୋଟର ସାଇକେଲ ଓ ୪ଟି ଚାରି ଚକିଆ ଗାଡ଼ି ବ୍ୟବହାର କରିପାରିବେ ଏବଂ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀ ୫ ମୋଟର ସାଇକେଲ ଓ ୨ ଚାରିଚକିଆ ଗାଡ଼ି ପ୍ରଚାର ପ୍ରଚାରରେ ଲଗାଇପାରିବେ। ନିର୍ବାଚନ ଖର୍ଚ୍ଚ ସମ୍ବନ୍ଧୀୟ ନିୟମକୁ କଡ଼ାକଡ଼ି ପାଳନ କରିବାକୁ ନିର୍ବାଚନ ପର୍ଯ୍ୟବେକ୍ଷ୍ୟକ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ଡିଆରଡିଏ ପିଡି ରତ୍ନାକର ସାହୁ, ଜିଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି, ଜିଲା କୋଷାଗାର ଅଧିକାରୀ ପ୍ରେମଚାନ୍ଦ ଦାସ, ଡିଆଇପିଆର୍‌ଓ ହଳଧର ନିହାଲ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଜିଲାପାଳ, ଖର୍ଚ୍ଚ ପର୍ଯ୍ୟବେକ୍ଷକ ଓ ଡିଆର୍‌ଡିଏ ପିଡି।

**ପଞ୍ଚାୟତ ନିର୍ବାଚନ ପ୍ରାର୍ଥୀଙ୍କୁ ନେଇ ବୈଠକ**

ସେହିପରି ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ମଧ୍ୟ ପ୍ରାର୍ଥୀଙ୍କ ଖର୍ଚ୍ଚକୁ ନେଇ ଜିଲା ପର୍ଯ୍ୟବେକ୍ଷକ ସମୀକ୍ଷା ବୈଠକ କରିଥିଲେ। ଏଥିରେ ବୈଠକରେ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ପ୍ରାର୍ଥୀମାନେ ଉପସ୍ଥିତ ଥିଲେ। ବୈଠକକୁ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏ.ଡି. ପ୍ରସାଦ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଆଉ ୫ ଅଭିଯୁକ୍ତ ଗିରଫ ଅବକାରୀ, ପୋଲିସ ଟିମ୍ ଉପରେ ଆକ୍ରମଣ ଘଟଣା

ରାଇଘର,୩୦।୧(ଡି.ଏନ.ଏ.)- ରାଇଘର ବ୍ଲକ କଚାରପାରା ପଞ୍ଚାୟତ ଅଧୀନରେ ଥିବା ତାରିଗାଁ ଗ୍ରାମରେ ୨୯ ତାରିଖରେ ପୋଲିସ ଓ ଅବକାରୀ ଟିମ୍ ମଦ ଜବତ କରିବା ପାଇଁ ଚଢ଼ାଉବେଳେ ଗ୍ରାମବାସୀ ସେମାନଙ୍କ ଉପରକୁ ପଥର ମାଡ କରିବା ସହ ଦୁଇ ବିଭାଗର ଗାଡ଼ି ଭଙ୍ଗାରୁଜା କରିଥିଲେ। ଏଥିରେ ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀ ଆହତ ହୋଇଥିଲେ। ଏହି ମାମଲାରେ ରାଇଘର ପୋଲିସ ଶନିବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ରବିବାର ଆଉ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗ୍ରାମର ବାବୁଲା କଲାର(୩୦), ଭରତ କଲାର(୩୫), କୃଷ୍ଣ କଲାର(୩୦), ପର୍ଶୁରାମ କଲାର(୩୩) ଓ ମଙ୍ଗତୁ କଲାର(୫୭)। ଏଥିସହ ଗିରଫଙ୍କ ସଂଖ୍ୟା ୮ ରେ ପହଞ୍ଚିଛି। ସେହିପରି ରାଇଘର ଥାନାଧିକାରୀ ଟଙ୍କଗିରି ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ଗ୍ରାମରେ ପହଞ୍ଚି ଗ୍ରାମବାସୀ କାହିଁକି ଆକ୍ରମଣ କଲେ ସେ ନେଇ ତଦନ୍ତ ଜାରି ରହିଛି। ଏକ ଭିଡିଓ କ୍ଲିପ୍ ଆଧାରରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଥିବା ପୋଲିସ ସୂଚନା ଦେଇଛି।

### ବଂଶଧାରା ମହୋତ୍ସବ ପାଇଁ ବିଭିନ୍ନ ପ୍ରତିଯୋଗିତା

ଗୁଣପୁର,୩୦।୧(ଡି.ଏନ୍.ଏ.)-ଦଶମ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ନିମନ୍ତେ ରବିବାର କୁଇଜ୍, ସଂଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଡ୍ରିମ ଇଣ୍ଡିଆ ସ୍କୁଲ ପରସରରେ କଳା ପରିଷଦ ଦ୍ୱାରା ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସଙ୍ଗୀତରେ ୧୫ ଓ ନୃତ୍ୟରେ ୩୨ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜଜ୍ ରୂପେ ସଙ୍ଗୀତ ନିର୍ଦ୍ଦେଶକ ଗୌରୀ ତ୍ରିପାଠୀ, ମନୋଜ ଜେନା ଓ ସତ୍ୟ ଜେନା, ବିଜୟ ପାଢ଼ୀ, ହରି ଗୌଡ଼, ସୁଦୀପ୍ତ ରାଜଗୁରୁ ଉପସ୍ଥିତ ଥିଲେ। ସେହିପରି ଶାନ୍ତିନିକେତନ କଲେଜରେ ଓପନ୍ କୁଇଜ ପ୍ରତିଯୋଗିତା ହୋଇଥିଲା।



ଏଥିରେ ୩୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ସ୍ମୃତିଶିଖା ମହାନ୍ତି ପ୍ରଥମ ହୋଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ କୃଷ୍ଣଚନ୍ଦ୍ର ସେନାପତି ପରିଚାଳନା କରି ପୁରସ୍କୃତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ନବ ନିର୍ମାଣ ସମିତିର ସମ୍ପାଦକ ରଞ୍ଜିତ ପାଢ଼ୀ, ଉପସଭାପତି ଉମା ଦାସ, କଳା ପରିଷଦର ସଭାପତି କୈଳାଶ ଦାସ, ଅଶୋକ କର ପ୍ରମୁଖ ପରିଚାଳନା କରିଥିଲେ।

### ବିଜେଡିରେ ମିଶିଲେ ଶତାଧିକ

କୋଲନରା,୩୦।୧(ଡି.ଏନ୍.ଏ.)- ରାୟଗଡ଼ା ଜିଲା କୋଲନରା ବ୍ଲକରେ ରବିବାର ଶତାଧିକ ଅନ୍ୟ ଦଳର କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ଜିଲା ପରିଷଦ 'କ' ଜୋନ୍‌ର ଧବଳେଶ୍ୱର ନାଇଡୁ, ରାଜ୍ୟ ବିଏସ୍‌କେୱାଇ ଉପଦେଷ୍ଟା ସୁଧୀର ଦାସ, ଅନୁସୂଚିତ ଜାତି ଓ



ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ବିଜେଡି ପର୍ଯ୍ୟବେକ୍ଷକ ପ୍ରଶାନ୍ତ ନାୟକଙ୍କ ଉପସ୍ଥିତରେ ନୂତନ କର୍ମୀମାନେ ବିଜେଡିରେ ସାମିଲ ହୋଇଛନ୍ତି। କାର୍ଯ୍ୟକ୍ରମରେ ଭାଜପା ମଣ୍ଡଳ ସଭାପତି କମଳ ନିଳଗିରି, ସାନ ଚୋଦାରୀ, ପିଣ୍ଟୁ କନ୍ଧ, ନୀଳକଣ୍ଠ ଗାଣ୍ଡା, ଜୟଦେବ ବାଗ, ଜୟଦେବ ହିମିରିକାଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିବା ଜଣାପଡ଼ିଛି।

### ମହିଳାଙ୍କୁ ହତ୍ୟା ଅଭିଯୋଗ

ରାୟଗଡ଼ା ଅଫିସ,୩୦।୧- ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ମହିଳା ହେଲେ ରୋଜି ନାୟକ। ସେ ରାୟଗଡ଼ା ୟୁଜିଏମ୍‌ଆଇଟିରେ ଡିପ୍ଲୋମା ପଢ଼ୁଥିଲେ। ସୂଚନା ଅନୁଯାୟୀ, ଜଗତସିଂହପୁର ଜିଲା ବିରିଡ଼ି ଥାନା ଅଞ୍ଚଳର ସଞ୍ଜୀବ ମଲିକ ଚାନ୍ଦିଲି ଥାନା ଅନ୍ତର୍ଗତ କୁମୁଟଲ ପେଣ୍ଠାଠାରେ ସ୍ତ୍ରୀ ରୋଜିଙ୍କ ସହ ଭଡ଼ାରେ ରହି ଆସୁଥିଲେ। ଦମ୍ପତିଙ୍କ ସହ ସଞ୍ଜୀବଙ୍କ ଭଣେଇ ଏବଂ ଦାଦାଙ୍କ ପୁଅ ଦୀପକ ମଧ୍ୟ ରହୁଥିଲେ। ଶନିବାର ସନ୍ଧ୍ୟାରେ ଘରେ କେହି ନ ଥିବା ସମୟରେ ମହିଳା ପଙ୍ଖାରେ ଓଢ଼ଣି ଲଗାଇ ଆତ୍ମହତ୍ୟା କରିଥିବା ସ୍ୱାମୀ ସଞ୍ଜୀବ କହିଛନ୍ତି। ତେବେ କାହାକୁ ନ ଜଣାଇ ସଞ୍ଜୀବ ଓ ପ୍ରଦୀପ ରୋଜିଙ୍କ ମୃତଦେହ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଫୋନ୍ ଯୋଗେ ଖବର ପାଇ ରୋଜିଙ୍କ କକା ବିଜୟ କୁମାର ମଲିକ ରାୟଗଡ଼ାରେ ଝିଆରିକୁ ହତ୍ୟା କରାଯାଇଥିବା ଚାନ୍ଦିଲି ଥାନରେ ଅଭିଯୋଗ କରିଛନ୍ତି। ଏତଲାକୁ ଭିତ୍ତିକରି ଥାନାଧିକାରୀ ବିଜୟଲକ୍ଷ୍ମୀ ହିକ୍‌କା ଏବଂ ପୋଲିସ ଟିମ୍ ଭଡ଼ାଘରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପୋଲିସ ସଞ୍ଜୀବ ଓ ଦିଅର ଦୀପକଙ୍କୁ ଥାନାରେ ଅଟକ ରଖି ପଚାରାଉଚାରା କରୁଥିବ ସୂଚନା ମିଳିଛି।

## ଲାୟନ୍ସ କ୍ଲବ ପାଇଁ ୧୨ ସଭ୍ୟଙ୍କ ନାମ ପଞ୍ଜୀକରଣ




**ଗୁଡାରି,୩୦।୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଡାରି ଏନ୍‌ଏସିରେ ଲାୟନ୍ସ କ୍ଲବ ଇଣ୍ଟରନ୍ୟାଶନାଲ ଗଠନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ରବିବାର ସ୍ଥାନୀୟ ରାଧାକୃଷ୍ଣ ଇଂଲିଶ ମିଡିୟମ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ କେ. ବୈକୁଣ୍ଠ ରାଓଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଗୁଣପୁର ଲାୟନ୍ସ କ୍ଲବର ସୁମନ ପାତ୍ର, ବିଷ୍ଣୁ ପଟ୍ଟନାୟକ, ଏସ୍. ବାବା ପ୍ରସାଦ ଏବଂ ଏଲ୍. ଗୋପାଳ ରାଓ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ଲାୟନ୍ସ କ୍ଲବରେ ସାମିଲ ହେବା ନିମନ୍ତେ ଆବଶ୍ୟକ ସଭ୍ୟ ଚାନ୍ଦା ଏବଂ ଏହାର ଆଭିମୁଖ୍ୟ ବିଷୟରେ ନିମନ୍ତ୍ରିତ ଅତିଥିମାନେ ଆଲୋଚନା କରିଥିଲେ। ଗୁଡାରି ସହରରେ ପ୍ରଥମ ଥର ଏହି ବୈଠକ ଅନୁଷ୍ଠିତ ହୋଇଥିବାରୁ ଏହାକୁ ସହରବାସୀ ସ୍ୱାଗତ କରିଛନ୍ତି। ବୈଠକରେ ବାରଟି ନାଗଭୁଷଣ, ଗୌରୀ ମିଶ୍ର, ପେଦିନା ରମେଶ, ମନୋଜ ପାଣିଗ୍ରାହୀ, ଶ୍ରୀକାନ୍ତ ଶତପଥୀ, ଭି. ହରିକ୍ରିଷ୍ଣା, କେ. ରାଜା, କୋଟନୀ ଶ୍ରୀନୁଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଗୁଡାରି ଲାୟନ୍ସ କ୍ଲବ ଇଣ୍ଟରନ୍ୟାଶନାଲ ନିମନ୍ତେ ୨୧ସଭ୍ୟ ନାମ ପଞ୍ଜୀକରଣ କରିଥିଲେ। ଶୀଘ୍ର ସମସ୍ତ ସଭ୍ୟ ନିଜ ନିଜର ସଭ୍ୟ ଚାନ୍ଦା ପୈଠ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

## ଅଦିନିଆ ବର୍ଷାରେ ଗଜା ହେଲା ଧାନ


ଗୋବିନ୍ଦଙ୍କ ଜମିରେ ଗଜା ହୋଇଥିବା ଧାନ।

**ମୁନିଗୁଡ଼ା,୩୦।୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକରେ ଅଦିନିଆ ବର୍ଷାରେ ଚାଷୀଙ୍କ ଧାନ ଗଜା ହୋଇଛି। ଅଞ୍ଚଳର ଚାଷୀ ଧାନ, କପା ଓ ପରିବା ଚାଷ କରିଥିଲେ। କିନ୍ତୁ ଅଦିନିଆ ବର୍ଷା ଫସଲକୁ ନଷ୍ଟ କରିଛି। ଏହାକୁ ନେଇ ଚାଷୀ ଏବେ ଚିନ୍ତାରେ ପଡ଼ିଛନ୍ତି।

ମୁନିଗୁଡ଼ା ନିକଟସ୍ଥ ଭୈରବଗଡ଼ ଗ୍ରାମର ଚାଷୀ ଗୋବିନ୍ଦ ଗୌଡ଼ ୩ ଏକର ଜମିରେ ଧାନଚାଷ କରିଥିଲେ। କିନ୍ତୁ ଶ୍ରମିକ ନ ମିଳିବାରୁ ବର୍ଷା ପୂର୍ବରୁ ଅଧା ଧାନ କାଟିପାରି ନ ଥିଲେ। ବର୍ଷା ହେବାରୁ ତାଙ୍କର ଅଧା ଧାନ ଜମିରେ ପଡ଼ି ଗଜା ହୋଇଥିବା କହିଛନ୍ତି। ତେବେ ସେ ଜଣେ ନୁହନ୍ତି ଗ୍ରାମର ଅନେକ ଚାଷୀଙ୍କ ଅବସ୍ଥା ସମାନ ବୋଲି ଗୋବିନ୍ଦ କହିଛନ୍ତି। ମୁନିଗୁଡ଼ା ବ୍ଲକରେ ବ୍ୟାପକ ଧାନ, କପା ଓ ପରିବା ଫସଲ ନଷ୍ଟ ହୋଇଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ତେଣୁ ସରକାରୀ ସହାୟତା ପାଇଁ ଚାଷୀମାନେ ଦାବି କରିଛନ୍ତି।

## 'ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ'



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅଧିକାରୀ ଓ କର୍ମଚାରୀ ନୀରବ ପ୍ରାର୍ଥନା କରୁଛନ୍ତି ।

**ଶହୀଦ ଦିବସ ପାଳିତ**

**ନବରଙ୍ଗପୁର,୩୦।୧(ବି.ପ୍ର.)–**

ନବରଙ୍ଗପୁର ଜିଲା ପ୍ରଶାସନ ଓ ନେହେରୁ ଯୁବକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ତଥା ଶହୀଦ ଦିବସ ରବିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଭାରତର ସାଧୀନତା ସଂଗ୍ରାମରେ ଗାନ୍ଧିଜୀଙ୍କ ଭୂମିକା ଏବଂ ଦେଶ ମାତୃକା ପାଇଁ ପ୍ରାଣବଳି ଦେଇଥିବା ବୀର ଶହୀଦମାନଙ୍କୁ ମନେପକାଇ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଜିଲାପାଳ କମଳ ଲୋଚନ ମିଶ୍ର ଯୋଗଦେଇ ଦେଶ ମାତୃକାର ସେବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସହ ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ପରାମର୍ଶ ଦେଇଥିଲେ। ଡିଆଇପିଆର୍‌ଓ ହଳଧର ନିହାଲଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସୁବ୍ରତ ବେହେରା, ସହାୟକ ଜିଲାପାଳ ଅଶୋକ ଚକ୍ରବର୍ତ୍ତୀ, ଉପ ବିଭାଗ ଅଧିକାରୀ ବିଜୟ ବେହେରା, ଓଡ଼ିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ, ନେହେରୁ ଯୁବକେନ୍ଦ୍ରର ଯୁବ ଅଧିକାରୀ ବି. ରମେଶ, ଅଗ୍ନିଶମ କର୍ମଚାରୀ, ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଘରୋଇ ବସ୍ ମାଲିକ ସଂଘର ନୂଆ କର୍ମକର୍ତ୍ତା

**ଜୟପୁର, ୩୦।୧(ନି.ପ୍ର.)–**

ଜୟପୁର ଘରୋଇ ବସ୍ ମାଲିକ ସଂଘର ଏକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ସଭାପତି ମହେଶ୍ୱର ବିଶୋୟୀଙ୍କ ସଭାପତିତ୍ୱ କରିଥିଲେ। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ମହେଶ୍ୱର ବିଶୋୟୀ ନିର୍ବାଚିତ ହୋଇଥିବାବେଳେ ଉପସଭାପତି ଭାବେ ଶୁଭ୍ରମନ୍ୟୁମ ପାତ୍ର, ମହାସଚିବ ନରେନ୍ଦ୍ର ମହାନ୍ତି, ସଚିବ ପବିତ୍ର ମୋହନ ପାତ୍ର, ଯୁଗ୍ମ ସଚିବ ଅଶୋକ ମହାପାତ୍ର ଓ ସଞ୍ଜୟ ପାଢୀ, କାର୍ଯ୍ୟକାରୀ ସଭାପତି ଅଜୟ ରାଉତ, କୋଷାଧ୍ୟକ୍ଷ ରୂପେ ପ୍ରଶାନ୍ତ ପାଣିଗ୍ରାହୀ ନିର୍ବାଚିତ ହୋଛନ୍ତି। ଏଥିସହ ଆୟୋଜକ ସଚିବ ରୂପେ ଏନ.ଶଙ୍କର ରାଓ ଓ ସନ୍ତୋଷ ପାଢୀ, ମୁଖ୍ୟ ପରାମର୍ଶଦାତା ଭାବେ ରାମଚନ୍ଦ୍ର ପାଢୀ, ବିଏସ୍‌ଆର ସେନାପତି, ବସନ୍ତ ବିଶ୍ୱାଳ, କିଶୋର ଚନ୍ଦ୍ର ତ୍ରିପାଠୀ ଓ ଅଶୋକ କୁମାର ରାୟ ଚୟନ ହୋଇଛନ୍ତି। ଆଇନ ପରାମର୍ଶଦାତା ରୂପେ ଶୁଶାନ୍ତ କୁମାର ଅଧିକାରୀ ଚୟନ ହୋଇଛନ୍ତି । କାର୍ଯ୍ୟକାରୀ ସଦସ୍ୟ ଭାବେ ସମ୍ବାଶିବ ରାଓ, ସୁନିଲ କୁମାର ଶାହା, ସନ୍ତୋଷ ସାମନ୍ତରାୟ, ବିଦ୍ୟାଧର ପ୍ରଧାନ, ଜଗନ୍ନାଥ ପାଣିଗ୍ରାହୀ, ସଂଗ୍ରାମ କେଶରୀ ବାରିକ, କୈଳାସ ସେନାପତି, ଦିଲେଶ୍ୱର ବେହେରା, ଉମା ଶଙ୍କର ଗୌଡ, ରବିନ୍ଦ୍ର ରଥ, ସୁନିଲ ପାଢୀ, ରବିନ୍ଦ୍ରନାଥ ବିଶ୍ୱାଳ ମନୋନୀତ ହୋଇଛନ୍ତି । ଆଜିର ବୈଠକରେ ନୂଆ ବସଷ୍ଟାଣ୍ଡରେ ରାତ୍ର ଜଗୁଆଳି ନିୟୋଜିତ କରିବା ସହ ସିସିଟିଭି ଲଗାଇବାକୁ ନିଷ୍ପତି ହୋଇଛି। ଗତ ସେପ୍ଟେମ୍ବର– ଡିସେମ୍ବର ୨୦୨୧ ପର୍ଯ୍ୟନ୍ତ ସଂଘର ଆୟବ୍ୟୟ ଉପସ୍ଥାପନା କରାଯାଇଥିଲା। ଆଇନ ପରାମର୍ଶଦାତା ଅଧିକାରୀ ନିର୍ବାଚନ ପରିଚାଳନା କରିଥିଲେ।

## କ୍ୟାନ୍‌ସରଠାରୁ ହାରିଗଲେ ମନୋଜ

**ମିଳିଲାନି ସରକାରୀ ସହାୟତା**

**ଉମରକୋଟ,୩୦।୧(ସ୍ୱ.ପ୍ର.)**

ଅର୍ଥ ଅଭାବ ଯୋଗୁ ବୋନ୍ କ୍ୟାନ୍‌ସରର ଉପଯୁକ୍ତ ଚିକିତ୍ସା କରାଇ ପାରିଲେନି। ସରକାରୀ ସହାୟତା ପାଇଁ ନିବେଦନ କରିଥିଲେ ମଧ୍ୟ ସହାୟତା ମିଳିଲାନି। ଶେଷରେ ଜୀବନ ସହ ସଂଗ୍ରାମ କରି ହାରିଗଲେ ଯୁବକ। ସେ ହେଲେ ନବରଙ୍ଗପୁର ଜିଲା ଉମରକୋଟ ସହର ସନ୍ତୋଷୀ ନଗର ନିବାସୀ ମନୋଜ କୁମାର ନାୟକ। ବ୍ରହ୍ମପୁରରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି।

ସୂଚନାଯୋଗ୍ୟ, ବିବାହର ୩ ମାସ ପରେ ମନୋଜଙ୍କୁ କ୍ୟାନ୍‌ସର ହୋଇଥିଲା। ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲରେ ୨୦୨୧ ଜାନୁୟାରୀରୁ ଚିକିତ୍ସାଧୀନ ଥିଲେ। ପରେ ବୋନ୍ ଟ୍ରାନ୍ସପ୍ଲାଣ୍ଟ ନିମନ୍ତେ ଡାକ୍ତର ଆଶୁତୋଷ ମହାପାତ୍ର କୋଲକାତା ଯିବାକୁ ପରାମର୍ଶ ଦେଇଥିଲେ। ଏଥିପାଇଁ ପ୍ରାୟ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ସ୍ତ୍ରୀ ଭଗବତୀ



ସମ୍ପତ୍ତି ବିକ୍ରି କରି ଚିକିତ୍ସା କରାଇଥିଲେ ମଧ୍ୟ ଯଥେଷ୍ଟ ନ ଥିଲା। ଏତେ ଟଙ୍କା ଖର୍ଚ୍ଚ ହେବା କଥା ଶୁଣି ନିରାଶରେ ଦମ୍ପତି ଘରକୁ ଫେରିଥିଲେ। ଦେହ ଅଧିକ ଖରାପ ହେବାରୁ ୧୦ ଦିନ ହେଲା ବ୍ରହ୍ମପୁରରେ ଚିକିତ୍ସିତ ଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତଦେହ ଉମରକୋଟରେ ପହଞ୍ଚିବା ପରେ ସାହିରେ ଶୋକର ଛାୟା ଖେଳିଯାଇଛି। ଗଣମାଧ୍ୟମରେ ଖବର ପ୍ରଚାର ଓ ପ୍ରସାର ପରେ ମଧ୍ୟ ସରକାରୀ ସହାୟତା ନ ମିଳିବାରୁ ଅବେଳରେ ମନୋଜଙ୍କ ଜୀବନ ଚାଲିଯାଇଥିବା ସାହି ବାସିନ୍ଦା କହିଛନ୍ତି।

## ଉମରକୋଟରେ ପୁଣି ଭାଲୁ ଭୟ

**ଉମରକୋଟ,୩୦।୧(ସ୍ୱ.ପ୍ର.)–**

ନବରଙ୍ଗପୁର ଜିଲା ଉମରକୋଟ ଅଞ୍ଚଳରେ କିଛି ଦିନର ବ୍ୟବଧାନରେ ପୁଣି ୨ ଭାଲୁଙ୍କୁ ଦେଖି ଅଞ୍ଚଳବାସୀ ଭୟଭୀତ ହୋଇଛନ୍ତି। ରବିବାର ସନ୍ଧ୍ୟାରେ ଉମରକୋଟ ବ୍ଲକ ମୁର୍ତ୍ତୁମା ନିକଟ ଶାଳବଣ ନିକଟରେ ୨ ଭାଲୁ ବୁଲୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପରେ ଭାଲୁ ଦୁଇଟି ମକା କ୍ଷେତ ଦେଇ ଏକ ପୋଖରୀ ନିକଟକୁ ଯାଇଥିବା ବେଳେ ପରେ ସ୍ଥାନୀୟ କେତେଜଣ ଯୁବକ ନିଆଁ ଦେଖାଇ ଦୁଇ ଭାଲୁଙ୍କୁ ଜଙ୍ଗଲ ମଧ୍ୟକୁ ଘଉଡ଼ାଇଛନ୍ତି। ଉମରକୋଟ ଅଞ୍ଚଳରେ ଦିନକୁ ଦିନ ଜଙ୍ଗଲ କ୍ଷୟ ହେଉଥିବାରୁ ଖାଦ୍ୟ ଅନ୍ୱେଷଣରେ ଭାଲୁ ଜଙ୍ଗଲରୁ ଜନବସତି ଦିଗକୁ ଆସୁଛନ୍ତି। ଏହା ଉଭୟ ବନ୍ୟପ୍ରାଣୀ ଏବଂ ମନୁଷ୍ୟଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ତେଣୁ ବନ ବିଭାଗ ଏଥିପ୍ରତି



ଦୃଷ୍ଟି ଦେବାପାଇଁ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ୨୩ ତାରିଖରେ ଉମରକୋଟ ନାୟକଗୁଡ଼ା ଗ୍ରାମରେ ମଧ୍ୟ ଏକ ଭାଲୁ ନିମ୍ବ ଗଛରେ ଚଢ଼ି ଦୁଇଦିନ ଗଛ ଉପରେ ରହିଥିଲା। ପରେ ବନ ବିଭାଗ ଭାଲୁକୁ ଟ୍ରାଙ୍କୁଲାଇଜ୍ କରି ଭାଲୁକୁ ଉଦ୍ଧାର କରିଥିଲା।

## ଦୋକାନରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

**ଭଞ୍ଜନଗର,୩୦।୧(ଡି.ଏନ୍.ଏ)**

ଭଞ୍ଜନଗର ଦୁର୍ଗାପ୍ରସାଦ ରାସ୍ତାର ଶ୍ରୀରାମ ନଗରରେ ଥିବା ଏକ ପାନ ଦୋକାନରେ କୌଣସି ଦୁର୍ବୃତ୍ତ ଶନିବାର ରାତିରେ ନିଆଁ ଲଗେଇ ଦେଇଛନ୍ତି। ଏ ନେଇ ଦୋକାନ ମାଲିକ ଛେଦାଭୂମିର ଟୁକୁନା ଗୌଡ଼ ଭଞ୍ଜନଗର ଥାନାରେ ଅଭିଯୋଗ କରିଛନ୍ତି। ପୂର୍ବ ଶତ୍ରୁତାକୁ ନେଇ ଏହି କାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଅଗ୍ନିକାଣ୍ଡରେ ଦୋକାନରେ ଥିବା ବିଭିନ୍ନ ଖାଦ୍ୟ ସାମଗ୍ରୀ ଜଳିଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ଗୁଣପୁରରେ ୨୮୦୭ ପରୀକ୍ଷାର୍ଥୀ ଦେଲେ ଓଏସ୍‌ଏସ୍‌ଏସ୍‌ସି ପରୀକ୍ଷା

**ଗୁଣପୁର,୩୦।୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁରର ୮ କେନ୍ଦ୍ରରେ ରବିବାର ଓଡ଼ିଶା ରାଜ୍ୟ ସବ୍‌ଅର୍ଡିନେଟ ଷ୍ଟାଫ୍ ସିଲେକ୍ସନ୍ କମିଶନ୍ (ଓଏସ୍‌ଏସ୍‌ଏସ୍‌ସି)ପକ୍ଷରୁ ଆର୍‌ଆଇ, ଏଆର୍‌ଆଇ ଓ ଅମିନ ପଦବୀ ନିମନ୍ତେ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଗୁଣପୁର ଅତିରିକ୍ତ ଜିଲାପାଳ ତଥା ପରୀକ୍ଷା ଅଧୀକ୍ଷକ ନିରଞ୍ଜନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୮ ମାଜିଷ୍ଟ୍ରେଟଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଗୁଣପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟ, ବାଲାଜୀ କଲେଜ, ମହିଳା ମହାବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସରକାରୀ ବାଳିକା ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ଜିଆଇସିଏମ୍‌ଏସ୍ କଲେଜ ଓ ଗୁଣପୁର କଲେଜରେ ଅପରାହ୍ନ ୧୧ ଟାରୁ ୨ ଟା ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୩୬୩୬ ଜଣ ପରୀକ୍ଷା ପାଇଁ ଆବେଦନ କରିଥିବାବେଳେ ସେଥିମଧ୍ୟରଚ ୨୮୦୭ ଜଣ ପରୀକ୍ଷା ଦେଇଥିବା ଅତିରିକ୍ତ ଜିଲାପାଳ ନିରଞ୍ଜନ ନାୟକ ସୂଚନା ଦେଇଛନ୍ତି। ଗୁଣପୁର ଉପଖଣ୍ଡ ଟ୍ରେଜେରିରୁ ଅତିରିକ୍ତ ଜିଲାପାଳଙ୍କ ଉପସ୍ଥିତିରେ ବିଭିନ୍ନ କେନ୍ଦ୍ରକୁ ପରୀକ୍ଷା ପତ୍ର ଯାଇଥିଲା। ଶାନ୍ତିଶୃଙ୍ଖଳାରେ ପରୀକ୍ଷା ପରିଚାଳନା ପାଇଁ କେନ୍ଦ୍ରକୁ ମୋବାଇଲ ବାରଣ କରାଯିବା ସହ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ସମସ୍ତ ପରୀକ୍ଷା ଉତ୍ତର ଖାତା, ଓଏମ୍‌ଆର୍ ସିଟ୍, ବଳକା ଓଏମ୍‌ଆର୍ ସିଟ୍ ସଦର ଟ୍ରେଜେରିର ଷ୍ଟ୍ରଙ୍ଗ ରୁମ୍‌ରେ ରଖାଯାଇଛି। ଅନ୍ୟପକ୍ଷରେ ପ୍ରଥମ ଥର ପାଇଁ ଗୁଣପୁର ସଦରରେ ପରୀକ୍ଷା କେନ୍ଦ୍ର କରାଯାଇଥିବାରୁ ପରୀକ୍ଷାର୍ଥୀ ଏହାକୁ ସ୍ୱାଗତ କରିଛନ୍ତି।

## ଶହୀଦ ଦିବସରେ ମନେପଡ଼ିଲା ଗାନ୍ଧିଜୀଙ୍କ ନୀତି

**ରାୟଗଡ଼ା ଅଫିସ, ୩୦।୧**

ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରବିବାର ସ୍ୱାଧୀନତା ସଂଗ୍ରାମର ମୁଖ୍ୟ ପୁରୋଧା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ତଥା ଶହୀଦ ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ଡେପୁଟି କଲେକ୍ଟର ନାରାୟଣ ମିଶ୍ର, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଧ୍ରୁବ ଚରଣ ନାୟକ, ଜିଲା କ୍ରୀଡ଼ାଧିକାରୀ ଶେଖ୍ ଅଲନୁର, ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ, ଗ୍ରନ୍ଥାଗାରିକ ଡମ୍ବରୁଧର ପଣ୍ଡା, ସହ ସଞ୍ଚାଳକ ସମ୍ରାଟ ସାହୁ, ସହକର୍ମୀ ଶ୍ରୀକାନ୍ତ ବିଶ୍ୱାଳ, ରାଜେନ୍ଦ୍ର ଦୋରା ଓ ଅଗ୍ନିଶମ ବିଭାଗର ଆଗ୍ନିକମାନେ ଯୋଗଦେଇ ଶହୀଦଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିବା ସହ ଗାନ୍ଧିଜୀଙ୍କ ତୈଳ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଗାନ୍ଧିଜୀଙ୍କ ତିରୋଧାନ ଦିବସ ପାଳନ କରାଯାଇଛି। ପୌରପାଳିକା ପକ୍ଷରୁ ଗାନ୍ଧୀ ପ୍ରମୋଦ ଉଦ୍ୟାନଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।


ଗାନ୍ଧୀ ତିରୋଧାନ ଦିବସ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅଧିକାରୀ ଓ କର୍ମଚାରୀମାନେ ।

## ଜିଲା ପରିଷଦ ଅଧ୍ୟକ୍ଷ ଆଶାରେ ୩ ପ୍ରମୁଖ ରାଜନୈତିକ ଦଳ

**ନବରଙ୍ଗପୁର,୩୦।୧(ବି.ପ୍ର.)**

ନବରଙ୍ଗପୁର ଜିଲା ପରିଷଦ ଅଧ୍ୟକ୍ଷ ଆସନ ୧୯୯୭, ୨୦୦୨ ଓ ୨୦୦୭ରେ କଂଗ୍ରେସ କବ୍ଜାରେ ଥିଲା। ୨୦୦୯ରେ ପ୍ରଦୀପ ମାଝି ଏମ୍‌ପି ହେବା ପରେ ଖାଲି ପଡ଼ିଥିବା ଅଧ୍ୟକ୍ଷ ଆସନକୁ ମଧ୍ୟ କଂଗ୍ରେସ ହାତେଇଥିଲା। ୨୦୧୨ ନିର୍ବାଚନର ଦୃଶ୍ୟପଟ ଥିଲା କିନ୍ତୁ ପୂରା ଓଲଟା। ବିଜେଡି କଂଗ୍ରେସକୁ ମାତ୍ ଦେଇ ୨୦ ଆସନ ଅକ୍ତିଆର କରିଥିଲା। କଂଗ୍ରେସକୁ ୬ଟି ଆସନ ମିଳିଥିବା ବେଳେ ଭାଜପା ହାତ ଖାଲି ରହିଥିଲା। ସେତେବେଳେ ଏକାକୀ ବିଜେଡି ଅଧ୍ୟକ୍ଷ ଗଠନ କରିଥିଲା। କିନ୍ତୁ ୨୦୧୭ ନିର୍ବାଚନରେ ସଂଖ୍ୟା ଗରିଷ୍ଠତା ନ ଥିଲେ ମଧ୍ୟ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଆସନ ବିଜେଡି ହାତେଇଥିଲା।

୨୦୧୭ରେ ବିଜେଡି ୧୧, କଂଗ୍ରେସ ୮ ଓ ଭାଜପାକୁ ୭ ଆସନ ମିଳିଥିଲା। ବିଜେଡିର ଭଗବତୀ ଭତରା ଅଧ୍ୟକ୍ଷା ଓ ନିବେଦିତା ମହାନ୍ତି ଉପାଧ୍ୟକ୍ଷା ହୋଇଥିଲେ। ଏଥର ମଧ୍ୟ ୨୦୧୭ ଇତିହାସ ଦୋହରାଇବାକୁ ତୃଣମୂଳ ସ୍ତରରେ ଲାଗିପଡ଼ିଛନ୍ତି ବିଜେଡି ନେତା। କଂଗ୍ରେସର ଟାଣୁଆ ନେତା କୁହାଯାଉଥିବା ପ୍ରଦୀପ ମାଝି ଦଳ ଛାଡ଼ି ଏବେ ବିଜେଡିରେ। ତାଙ୍କୁ ସମ୍ପାଦକ ପଦ ମିଳିଛି। ସମସ୍ତ ଜୋନ୍‌ରୁ ବିଜେଡି ପ୍ରାର୍ଥୀ କିଭଳି ଜିତିବେ ସେ ଲାଗିପଡ଼ିଛନ୍ତି। ପ୍ରଦୀପଙ୍କ ସହ ଦଳର ଜିଲା ସଭାପତି ରମେଶ ମାଝି ଓ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମାଷ୍ଟର ପ୍ଲାନ୍ କରୁଛନ୍ତି। ଅନ୍ୟପଟେ ପୂର୍ବରୁ କଂଗ୍ରେସର ୪ଟି ପ୍ରାର୍ଥୀ ଅଧ୍ୟକ୍ଷ ପଦରେ ବସିଥିଲେ। କିନ୍ତୁ ଏବେ ଦଳର ପ୍ରମୁଖ ନେତାମାନେ ଦଳ ବଦଳ କରିଥିବାରୁ ଦଳ ବିପର୍ଯ୍ୟୟ ଆଡ଼କୁ ମୁହାଁଉଥିବା ଦେଖାଦେଇଛି। ପ୍ରଦୀପ କଂଗ୍ରେସ ଛାଡ଼ି ବିଜେଡିକୁ ଯିବା ପରେ ନବରଙ୍ଗପୁର ଜିଲା ବିଜେଡି ଦୁଇଭାଗ ହୋଇଛି। କଂଗ୍ରେସ ଏହାର ଫାଇଦା ନେଇ ଆଗାମୀ ନିର୍ବାଚନରେ ଜିଲା ପରିଷଦ ହାତେଇବ ବୋଲି କଂଗ୍ରେସ ଜିଲା ସଭାପତି ମୁନା ତ୍ରିପାଠୀ କହିଛନ୍ତି। କେବେ ମଧ୍ୟ ଅଧ୍ୟକ୍ଷ ପଦ ପାଇ ନ ଥିବା ଓ ୨୦୧୨ ନିର୍ବାଚନରେ ଖାତା ଖୋଲିପାରି ନ ଥିବା ଭାଜପା ୨୦୧୭ ନିର୍ବାଚନରେ ୭ଟି ଆସନ ଆଣିଥିଲା। ଏଥର ସେହି ସଂଖ୍ୟା ବୃଦ୍ଧି କରିବା ମନୋବଳ ରଖି ବିଜେଡିକୁ ଟକ୍କର ଦେବାକୁ ଅଣ୍ଟା ଭିଡ଼ିଛି। ବିଜେଡି ସରକାର ସମୟରେ ଲୋକେ ଦୁର୍ନୀତିର ସାମ୍ନା କରୁଛନ୍ତି। ସେମାନଙ୍କ ରାସ୍ତାଘାଟ, ପାନୀୟଜଳ ଓ ରୋଜଗାର ସମସ୍ୟା ରହିଛି। ଏହାକୁ ନେଇ ଭୋଟରଙ୍କ ପାଖରେ ପହଞ୍ଚିବେ ବୋଲି ଜିଲା ଭାଜପା ସଭାପତି ଜଗଦିଶ ବିଶୋୟୀ କହିଛନ୍ତି।

### ଜିଲ୍ଲା ରାଇସ୍ ମିଲ୍ ମାଲିକ ସଂଘର ଦାବି

ଜୟପୁର,(ନି.ପ୍ର. )- କୋରାପୁଟ ଜିଲାରେ ଯେଉଁ ଧାନ ମିଳୁଛି ସେଥିରୁ କୁଇଣ୍ଟାଲ ପିଛା ଚାଉଳର ପରିମାଣ ଷାଠିଏ ଭାଗ ରହୁଛି। ମାତ୍ର ସରକାରଙ୍କ ନିର୍ଦ୍ଦେଶରେ ମିଲମାଲିକଙ୍କୁ ୬୭ ଭାଗ ଚାଉଳ ଯୋଗାଣ କରିବାକୁ ପଡୁଛି । ଏହା ଦ୍ୱାରା ମିଲ ମାଲିକମାନେ କ୍ଷତି ସହୁଛନ୍ତି । ଏନେଇ ମିଲର୍ସ ସଂଘ ଅନେକ ଥର ପ୍ରଶାସନକୁ ଜଣାଇଛନ୍ତି, କିନ୍ତୁ ସେମାନଙ୍କୁ ସେପରି କିଛି ସମାଧାନର ପନ୍ଥା ମିଳିନାହିଁ । ଜିଲାରେ ଚାଷ କରାଯାଉଥିବା ଧାନର ମାନ ପରୀକ୍ଷା କରିବାକୁ ମିଲ୍ ମାଲିକମାନେ ବାରମ୍ବାର ଦାବି ଉପସ୍ଥାପନା କରି କିଛି ସୁଫଳ ପାଇନାହାନ୍ତି । ନିକଟରେ ମିଲର ସଂଘ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଦେଇ କେନ୍ଦ୍ରରୁ ଏକ ବୈଷୟିକ ଟିମ୍ ଆସି ଏଠାରେ ହେଉଥିବା ଧାନର ମାନ ପରୀକ୍ଷା କରିବାକୁ ପତ୍ରରେ ଉଲ୍ଲେଖ କରିଛନ୍ତି।



## ସଂକ୍ଷେପରେ

### ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ



ଜୟପୁର, ୩୦।୦୧ (ନି.ପ୍ର.)-ଜୟପୁରସ୍ଥିତ ଜିଲା କଂଗ୍ରେସ ଭବନଠାରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ରବିବାର ପାଳିତ ହୋଇଛି। କଂଗ୍ରେସର କର୍ମୀ ଓ ନେତାମାନେ ଉପସ୍ଥିତ ରହି ମହାତ୍ମା ଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା କୃଷ୍ଣ ନେପାକ, ମଦନ ମୋହନ ନାୟକ, ରାମ ନାୟକ, ଭେଙ୍କଟ ରାଓ ପଟ୍ଟନାୟକ ଉପସ୍ଥିତ ରହି ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି କୋରାପୁଟ ଜିଲା ସିପିଆଇ ପକ୍ଷରୁ ମଧ ଶ୍ରମିକ ଭବନଠାରେ ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଛି। ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ ମହାନ୍ତି, ସତ୍ୟବ୍ରତ ନନ୍ଦ, ମନୋଜ ବେହେରା, ନନ୍ଦ ହରିଜନ, ଚଞ୍ଚଳା ହରିଜନ ପ୍ରମୁଖ ଉପସ୍ଥିତ ଥିଲେ। ମହାତ୍ମା ଗାନ୍ଧୀଙ୍କ ମହନୀୟତା ଉପରେ ଅତିଥିମାନେ ମତ ରଖିଥିଲେ।

### ଜବରଦଖଲ କଲେ ଜରିମାନା

ଜୟପୁର, ୩୦।୦୧ (ନି.ପ୍ର.)- ଜୟପୁର ସହରରେ ଦିନକୁ ଦିନ ଜବରଦଖଲ ବଢ଼ିବାରେ ଲାଗିଛି। ଏହାକୁ ରୋକ୍ ଲଗାଇବା ପାଇଁ ପୌର ପରିଷଦ ପଦକ୍ଷେପ ନେବା ଆରମ୍ଭ କରିଛି। କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ପ୍ରଥମେ ଜବରଦଖଲକାରୀଙ୍କୁ ବ୍ୟାନର ଲଗାଇ ସଚେତନ କରାଯାଇଛି। ଯେଉଁମାନେ ପୌର ପରିଷଦର ଜାଗା ଜବରଦଖଲ କରିବେ ସେମାନଙ୍କୁ ଉଚ୍ଛେଦ କରାଯିବା ସହ ଜରିମାନା ମଧ ଆଦାୟ କରାଯିବ ବୋଲି ଏଥିରେ ଉଲ୍ଲେଖ ରହିଛି। ଫଳରେ ଜବରଦଖଲରେ ରୋକ୍ ଲାଗିପାରିବ ବୋଲି ଆଶା କରାଯାଉଛି।

### ବନବାସୀ କଲ୍ୟାଣ ଆଶ୍ରମର ତ୍ରୟବାର୍ଷିକ ଯୋଜନା ବୈଠକ



ଜୟପୁର, ୩୦।୦୧ (ନି.ପ୍ର.)- ଜୟପୁର ଗେଟଗୁଡାସ୍ଥିତ ଶିକ୍ଷା ବିକାଶ ସମିତି କାର୍ଯ୍ୟାଳୟଠାରେ ବନବାସୀ କଲ୍ୟାଣ ଆଶ୍ରମ ତରଫରୁ ବିଭାଗସ୍ତରୀୟ ତ୍ରୟବାର୍ଷିକ ଯୋଜନା ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଡ. ଗଙ୍ଗାଧର ନନ୍ଦ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କ୍ଷେତ୍ରୀୟ ସହ ସଙ୍ଗଠନ ମନ୍ତ୍ରୀ ବିଜୟ ମହାନ୍ତି ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ। ବନବାସୀମାନେ ଶୁଦ୍ଧ ଆର୍ଯ୍ୟ ରୂପେ ପରିଚିତ ବୋଲି ନନ୍ଦ ମତବ୍ୟକ୍ତ କରିଥିଲେ। ଜିଲା ସଭାପତି ଗୁପ୍ତୁ ଭଦ୍ରା, ଦକ୍ଷିଣ ସମ୍ଭାଗ ସଂଯୋଜକ ସୁକାନ୍ତ ବେହେରା, ନଗର ସଭାପତି ଶଶୀ ଭୂଷଣ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ନଗର ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ର ସ୍ୱାଗତ ସୂଚନା ଓ ରତିକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

### ଜାତୀୟ କୁଷ୍ଠ ରୋଗ ନିରାକରଣ ଦିବସ

ଜୟପୁର, ୩୦।୧ (ନି.ପ୍ର.)- ଜାତୀୟ କୁଷ୍ଠ ରୋଗ ନିରାକରଣ ଦିବସ ଅବସରରେ ଲେପ୍ରା ସମାଜ ପକ୍ଷରୁ ଦସ୍ତଖତ ସଂଗ୍ରହ କରାଯାଇଥିଲା। ପରେ କୁଷ୍ଠ ରୋଗ ନିରାକରଣ ପାଇଁ ଶାନ୍ଧ ରଥର ଉଦ୍‌ଘାଟନ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ଲେପ୍ରସି ଅଧିକାରୀ ପ୍ରଶାନ୍ତ ସାମଲ, ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବା, ଟାଉନ ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ, ଲେପ୍ରା ସୋସାଇଟିର ପ୍ରକଳ୍ପ ଅଧିକାରୀ ନେତ୍ରାନନ୍ଦ ସାହୁ, ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବିଏସ୍ଏଫ୍ ବାଟାଲିୟନ ପକ୍ଷରୁ ଜନସମ୍ପର୍କ ଶିବିର

ମାଲକାନଗିରି,୩୦।୧(ଡି.ଏନ.ଏ.)- ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ରାସବେଡା ପଞ୍ଚାୟତର ଓରିଙ୍ଗି ଗ୍ରାମରେ କୁଡୁମୁଲୁଗୁମ୍ମାସ୍ଥିତ ୧୫୧ ବିଏସ୍ଏଫ ବାଟାଲିୟନ ପକ୍ଷରୁ ଜନସମ୍ପର୍କ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ୩ଟି ପଞ୍ଚାୟତର ୭ଟି ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ଗ୍ରାମବାସୀଙ୍କୁ କୃଷି ସାମଗ୍ରୀ, ମହିଳାଙ୍କୁ ଶାଢ଼ି, ରୋଷେଇ ସରଞ୍ଜାମ, ସୋଲାର ଲାଇଟ୍, ରେଡିଓ ବଣ୍ଟନ କରାଯାଇଥିଲା। ଯୁବତୀଯୁବକଙ୍କୁ ପୋଷାକ, ଖେଳ ସାମଗ୍ରୀ ସ୍କୁଲ ପିଲାଙ୍କୁ ବହିଖାତା, କଲମ, କମ୍ପାସ ମଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ୧୫୧ ବାଟାଲିୟନର କମାଣ୍ଡାଣ୍ଟ ରବୀନ୍ଦ୍ର ଠାକୁର୍ କୁଡୁମୁଲୁଗୁମ୍ମା ବିଏସ୍ଏଫ୍‌ର କମାଣ୍ଡର ଅରୁଣ କୁମାରଙ୍କ ସହ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଧାନମଣ୍ଡିରେ ଟାର୍ଗେଟ ବଢ଼ାଇବାକୁ ଦାବି କଲା ଜିଲା ବିଜେଡି

ମାଲକାନଗିରି,୩୦।୧ (ଡି.ଏନ୍.ଏ.)– ରାଜ୍ୟ ସରକାର ଚାଷୀମାନଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରି ଚାଷୀଙ୍କୁ ବିହନ, ସାର, କୀଟନାଶକ, ବୈଷୟିକ ଜ୍ଞାନ କୌଶଳ ଓ ରିହାତି ହାରରେ ବିଭିନ୍ନ ଉପକରଣ, ବିନା ସୁଧରେ ଋଣ ଯୋଗାଇ ଦେଉଛନ୍ତି। ତଥାପି ମାଲକାନଗିରି ଜିଲାରେ ଚାଷୀ ପ୍ରତିବର୍ଷ ଧାନ ମଣ୍ଡିରେ ଧାନ ବିକ୍ରିରେ ସମସ୍ୟା ଭୋଗୁଛନ୍ତି। ଚଳିତ ବର୍ଷ ସରକାରଙ୍କ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇଥିବା ବେଳେ ଅନେକ ମଣ୍ଡିରେ ଧାନ ଖରିଦ ପ୍ରାୟ ବନ୍ଦ ହୋଇଯାଇଛି। ଫଳରେ ଜିଲାର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଏହାକୁ ଜିଲା ବିଜୁ ଜନତା ଦଳ ଗୁରୁତର ସହ ନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛି। ୩ଦିନ ମଧ୍ୟରେ ସମସ୍ତ ଚାଷୀଠାରୁ ଯେପରି ଧାନ କ୍ରୟ ହେବ ସେଥିପାଇଁ ଆଉ ୨ଲକ୍ଷ କୁଇଣ୍ଟାଲ ଲକ୍ଷ୍ୟଧାର୍ଯ୍ୟ କରିବାକୁ ଦଳ ପକ୍ଷରୁ ପ୍ରଶାସନକୁ ନିବେଦନ କରାଯାଇଥିବା ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏଥିରେ ଦଳର ପରାମର୍ଶଦାତା ରାଜେନ୍ଦ୍ର ପଣ୍ଡା, ପୂର୍ବତନ ବିଧାୟକ ମାନସ ମାଡକାମି, ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ, ଗୋପାଳ କୃଷ୍ଣ ପଣ୍ଡା, ସାଙ୍ଗଠନିକ ସଭାପତି ଦୁର୍ଗା ତ୍ରିପାଠି, ସଙ୍ଗଠନ ସମ୍ପାଦକ ନୃସିଂହ ଚରଣ ମହାନ୍ତି, ଯୁବ ଛାତ୍ର ଜନତା ସଭାପତି ତାପସ ନାୟକ, ବୁନା ରାଓ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

# ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ

ମାଲକାନଗିରି/କୁଡୁମୁଲୁଗୁମ୍ମା, ୩୦।୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମା ଲାଠିଆଗୁଡାସ୍ଥିତ ସେଭେନ୍ ହାରମୋନିକ୍ ସଙ୍ଗୀତ ଓ କଳା ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟରେ ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ କୁଳମଣି ନିଆଲ, ନେହେରୁ ଯୁବ ସଙ୍ଗଠନ ସଂଯୋଜକ ହରିଶ ରୂପାଲ, ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ବଳରାମ ଭୂୟାଁଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ମହାତ୍ମାଗାନ୍ଧୀଙ୍କ ଜୀବନୀ ଉପରେ ଆଲୋକପାତ କରି ଦେଶ ସ୍ୱାଧୀନତାରେ ତାଙ୍କ ଅବଦାନର ସ୍ମୃତିଚାରଣ କରିଥିଲେ। ଏହିଅବସରରେ ସଂଘ ତରଫରୁ ଦେଶଭକ୍ତି ସଙ୍ଗୀତ ପରିବେଷଣ କରା ଯାଇଥିଲା। ବନମାଳି କୁମାର ଓ ମକର ପାଣିଗ୍ରାହୀ ପରିଚାଳନା କରିଥିଲେ। ସମଗ୍ର ଦେଶରେ ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି। ରବିବାର କୁଡୁମୁଲୁଗୁମ୍ମା ଫାଣ୍ଡିରେ ମଧ କୋଭିଡ୍ ନିୟମ ପାଳନ କରି ଅନୁରୂପ ନୀରବ ପ୍ରାର୍ଥନା କରାଯାଇଛି। ଫାଣ୍ଡି ଅଧିକାରୀ ଗିରୀଶ ଚନ୍ଦ୍ର ମହାରଣାଙ୍କ ତ ତ୍ତ୍ୱ । ବ ଧା ନ ରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସହକାରୀ ପୋଲିସ ଅଧିକାରୀ କମଳଲୋଚନ ନାୟକଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ରହି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।




କୁଡୁମୁଲୁଗୁମ୍ମା ଫାଣ୍ଡିରେ ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ୨ ମୋଟରସାଇକେଲ ଚୋରି ଅଭିଯୋଗ

ପଟ୍ଟାଙ୍ଗି,୩୦।୧(ଡି.ଏନ.ଏ.)

ପଟ୍ଟାଙ୍ଗି ସଦର ମହକୁମାରୁ ୨ଟି ମୋଟରସାଇକେଲ ଚୋରି ହୋଇଥିବା ନେଇ ସ୍ଥାନୀୟ ପୋଲିସ ନିକଟରେ ଅଭିଯୋଗ ହୋଇଛି। ବସଷ୍ଟାଣ୍ଡ ନିକଟରେ ବସବାସ କରୁଥିବା ସିପକ ମହାନ୍ତିଙ୍କ ମୋଟର ସାଇକେଲ (ଓଡ଼ି୧୦ଟି-୧୪୮୯) ଶନିବାର ସେ ନିଜ ଘର ସମୁଖରେ ରଖିଥିଲେ। ରବିବାର ସକାଳୁ ଘର ସମ୍ମୁଖରେ ନ ଥିବା ଦେଖି ଅନେକ ଖୋଜାଖୋଜି କରି ପାଇ ନ ଥିଲେ। ଫଳରେ ସିପକ ଶେଷରେ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି । ସେହିପରି ଅନ୍ୟ ଜଣେ ବ୍ୟକ୍ତି କମୁଲୁ ନାୟକଙ୍କ ମୋଟର ସାଇକେଲ(ଓଡ଼ି୧୦ଏଲ୍-୮୯୪୫) ମଧ ତାଙ୍କ ଘର ସମ୍ମୁଖରୁ ରାତିରେ ଚୋରି ହୋଇଛି। କମୁଲୁ ମଧ ଥାନାରେ ଅଭିଯୋଗ କରିଛନ୍ତି । ଏନେଇ ପୋଲିସ ୨ଟି ମାମଲା ରୁଜୁ କରି ସମସ୍ତ ସୀମାନ୍ତ ଥାନା ତଥା ବାହାର ଥାନାକୁ ଜଣାଇ ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ପଟ୍ଟାଙ୍ଗି ଅଞ୍ଚଳ ଏକ ସୀମାନ୍ତ ବ୍ଲକ ହୋଇଥିଲେ ମଧ ବ୍ଲକରେ ଷ୍ଟ୍ରିଟ ଲାଇଟ ତଥା ସିସି କ୍ୟାମେରା ବ୍ୟବସ୍ଥା ନ ଥିବାରୁ ଏହିପରି ଅନେକ ଚୋରି ହେଉଥିଲେ ମଧ ଚୋରମାନେ ଧରାପଡୁନାହାନ୍ତି।

## ସହରରେ ବୁଲୁଛନ୍ତି ଅସହାୟ ଗର୍ଭବତୀ ମହିଳା

ଜୟପୁର, ୩୦।୧ (ନି.ପ୍ର.)

ଜୟପୁର ସହରରେ ଜଣେ ମାନସିକ ଭାରସାମ୍ୟ ହରାଇଥିବା ଗର୍ଭବତୀ ମହିଳା ଅସହାୟ ଅବସ୍ଥାରେ ବୁଲୁଛନ୍ତି। ତାଙ୍କୁ ଉଦ୍ଧାର କରି ଥଇଥାନ କରିବାକୁ ମାନବ ସୁରକ୍ଷା କର୍ମୀ ଚିନ୍ମୟୀ ସାହୁ ପ୍ରସାଶନର ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ଜୟପୁର ଉପ ଜିଲାପାଳ ବେଦବର ପ୍ରଦାନଙ୍କୁ ଜଣାଇଛନ୍ତି । ମହିଳା ଜଣକ ତେଲୁଗୁ ଓ ହିନ୍ଦି ଭାଷା ବୁଝୁଥିବା ବେଳେ ସେ ଓଡ଼ିଆ କହିପାରୁ ନାହାନ୍ତି। ପ୍ରଶାସନ ତାଙ୍କୁ ଉଦ୍ଧାର କରି ଥଇଥାନ କରିବାକୁ ଚିନ୍ମୟୀ ଅନୁରୋଧ କରିଛନ୍ତି।

# ରତ୍ନପୂର୍ଣ୍ଣାଙ୍କ ବିରୋଧରେ ବର୍ଷିଲେ ମା' ଘର ସୁରକ୍ଷା ସେନା

ମାଲକାନଗିରି, ୩୦।୧ (ଡି.ଏନ୍.ଏ.)

ମାଲକାନଗିରି ମା' ଘର ସୁରକ୍ଷା ସେନା ରବିବାର ମା' ଘର ଫାଉଣ୍ଡେଶନ ଟ୍ରଷ୍ଟର ସଭାପତି ରତ୍ନପୂର୍ଣ୍ଣା ମହାନ୍ତିଙ୍କ ଉପରେ ବର୍ଷିଛି। ରତ୍ନପୂର୍ଣ୍ଣାଙ୍କ ଦସ୍ତଖତ କିମ୍ବା ଚିଠି ନମ୍ବର ନ ଥାଇ ଆସିଥିବା ଏକ ଚିଠିରେ ମା' ଘର ଫାଉଣ୍ଡେଶନ ପକ୍ଷରୁ ସୁରକ୍ଷା ସେନା ସଭାପତି ପ୍ରଶାନ୍ତିଲତା ବିଶୋୟୀଙ୍କୁ ଧମକ ଦିଆଯାଇଛି। ମା' ଘର ଫାଉଣ୍ଡେଶନର ସମସ୍ତ ନଥିପତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ ଜୟପୁରରୁ ୨୫ଜଣ ସଭ୍ୟାଙ୍କଠାରୁ ୨ଶହ ଟଙ୍କା ଲେଖାଏ ଆଦାୟ କରି ସେହି ଟଙ୍କା ଟ୍ରଷ୍ଟକୁ ନ ଦେଇ ଆତ୍ମସାତ କରିଛନ୍ତି। ସେହିପରି ଦାମନଯୋଡି ଅଞ୍ଚଳରୁ ୧୦୦ ଜଣ ମହିଳାଙ୍କଠାରୁ ସଭ୍ୟଚାନ୍ଦା ଆଦାୟ କରି ଦେଇନାହାନ୍ତି। ମା' ଘର ଫାଉଣ୍ଡେଶନ ଟ୍ରଷ୍ଟର ଅନ୍ୟାୟ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହାକୁ ବିରୋଧ କରି ଆମେ ମା' ଘର ସୁରକ୍ଷା ସେନା ନାମରେ ଏକ ପଞ୍ଜୀକୃତ ସଙ୍ଗଠନ ଗଢ଼ି ଲୋକଙ୍କୁ ସେବା ଯୋଗାଇ ଆସୁଛୁ। ଆଗାମୀ ଦିନରେ ମଧ ଏହା




ଖବରଦାତା ସମ୍ମିଳନୀରେ ମା' ଘର ସୁରକ୍ଷା ସେନା ପକ୍ଷରୁ ସୂଚନା ଦିଆଯାଉଛି।

ଫେରସ୍ତ କରାଯିବାକୁ ଦାବି କରାଯାଇଛି। ନ ହେଲେ ପ୍ରଶାନ୍ତିଲତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉଲ୍ଲେଖ ରହିଥିଲା। ଏହାକୁ ବିରୋଧ କରି ମା' ଘର ସୁରକ୍ଷା ସେନା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରଶାନ୍ତିଲତା ଏହାକୁ ଖଣ୍ଡନ କରି ମା' ଘର ଫାଉଣ୍ଡେଶନ ଟ୍ରଷ୍ଟିର ମୁଖ୍ୟ ରତ୍ନପର୍ଣ୍ଣାଙ୍କ ବିରୋଧରେ ଅନେକ ଅଭିଯୋଗ ଆଣିଛନ୍ତି।

ସେ କହିଛନ୍ତି ଯେ, ମାଲକାନଗିରିରେ ପୂର୍ବରୁ ୫ ବର୍ଷ ହେଲା ମା' ଘର ଫାଉଣ୍ଡେଶନ ଟ୍ରଷ୍ଟରେ କାମ କରି ସଭାପତି ଭାବେ ମୁଁ ସମସ୍ତ ରେକର୍ଡ ଜିଲା ପାଇଁ ପ୍ରସ୍ତୁତ କରିଥିଲି। ଏଥିପାଇଁ ମା' ଘର ଫାଉଣ୍ଡେଶନ ଟ୍ରଷ୍ଟ ତାଙ୍କୁ କୌଣସି ଆର୍ଥିକ ସହାୟତା ଦେଇନାହାନ୍ତି। ପଞ୍ଜୀକୃତ ନଂ. କିମ୍ବା ପରିଚୟପତ୍ର ମଧ ଦେଇନାହାନ୍ତି। ମାଲକାନଗିରି ଜିଲା ପକ୍ଷରୁ ଆମେ ରତ୍ନପୂର୍ଣ୍ଣାଙ୍କୁ ଆର୍ଥିକ ସହାୟତା ସହ ସଭ୍ୟଚାନ୍ଦା ଦେଇଛୁ। ଅଥଚ ସେ ଏ ବାବଦରେ ଆମକୁ କୌଣସି ରସିଦ ଦେଇନାହାନ୍ତି। ଆମେ ପାଇଥିବା ଚିଠିରେ ପ୍ରଭାତି ରାଉତ ନାମ୍ନୀ ଜନୈକା ମହିଳାଙ୍କ ଦସ୍ତଖତ ରହିଛି ; ଯିଏ କି ନିଜକୁ କୋରାପୁଟ ଜିଲା ସଭାପତି ବୋଲି ଦର୍ଶାଇଛନ୍ତି। କୋରାପୁଟ ଜିଲା ସଭାପତି ପ୍ରଭାତି ଆମ ଜାରି ରହିବ ବୋଲି ପ୍ରଶାନ୍ତିଲତା କହିଛନ୍ତି। ୨୦୦୯ରେ ଜଣେ ଯୁବତୀଙ୍କୁ ମା' ଘର ଫାଉଣ୍ଡେଶନର ଟ୍ରଷ୍ଟି ରତ୍ନପୂର୍ଣ୍ଣା ଅନୈତିକ କାର୍ଯ୍ୟରେ ଲିପ୍ତ ରହିବାକୁ ବାଧ କରିଥିଲେ। ଏଥିରେ ସମ୍ପୃକ୍ତା ଯୁବତୀ ରାଜି ନ ହେବାରୁ ସେ ରତ୍ନପର୍ଣ୍ଣାଙ୍କ ରୋଷର ଶିକାର ହୋଇଥିଲେ ବୋଲି ପ୍ରଶାନ୍ତିଲତା ଅଭିଯୋଗ କରିଛନ୍ତି। ତାଙ୍କ ନିକଟକୁ ଆସିଥିବା ନମ୍ବର ଓ ତାରିଖ ନ ଥିବା ଚିଠିରେ ଦସ୍ତଖତ କରି ପଠାଇଥିବା ପ୍ରଭାତିଙ୍କ ବିରୋଧରେ ଆଗାମୀ ଦିନରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ପ୍ରଶାନ୍ତିଲତାଙ୍କ ସହ ମା' ଘର ସୁରକ୍ଷା ସେନାର ସାଧାରଣ ସମ୍ପାଦିକା ଦୁଲାଲ ଥଣ୍ଡର, ରାଜ୍ୟ ସହସମ୍ପାଦିକା ଗୀତାଞ୍ଜଳି ମହାପାତ୍ର, ରାଜ୍ୟ ସଭାନେତ୍ରୀ ମମତା ମଲ୍ଲିକ, ଖୋର୍ଦ୍ଧା ଜିଲା ସଭାପତି ବାସନ୍ତି ମହାରଣା, ରାଜ୍ୟ ଉପସଭାପତି ବିଷ୍ଣୁପ୍ରିୟା ସାହୁ, ରାଜ୍ୟ ସହସମ୍ପାଦିକା ସୂର୍ଯ୍ୟମଣି ସ୍ୱାଇଁ, କୋରାପୁଟ ଜିଲା ସାଧାରଣ ସମ୍ପାଦିକା ରିନା ନାୟକଙ୍କ ସହ ୩୦ରୁ ଉର୍ଦ୍ଧ୍ୱ ସଭ୍ୟା ଉପସ୍ଥିତ ଥିଲେ। ପରେ ସେନା ପକ୍ଷରୁ ଗରିବ ଲୋକଙ୍କୁ ଶୀତବସ୍ତ୍ର ଓ ଶାଢ଼ି ବିତରଣ କରାଯାଇଥିଲା।

# ମମତାଙ୍କ ପାଇଁ ଏକାଠି ହେଲେ ସର୍ବଦଳୀୟ ନେତା

ପଟ୍ଟାଙ୍ଗି,୩୦।୧(ଡି.ଏନ.ଏ.)–

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର ଜୋନ-୧ ଜିଲା ପରିଷଦ ସଭ୍ୟ ମମତା ଜାନିଙ୍କ ପାଇଁ ସର୍ବଦଳୀୟ ତଥା ଜିଲାର ତିନି ପ୍ରମୁଖ ଦଳର ମୁଖ୍ୟ ଏକାଠି ହୋଇ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ସେମାନେ ସମସ୍ତେ ମମତାଙ୍କୁ ଜିତାଇବା ଲାଗି ରଣକୌଶଳ ନେଇ ଆଲୋଚନା କରିଛନ୍ତି। ସର୍ବଦଳୀୟ କମିଟିର ଆବାହକ ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ସ୍ଥାନୀୟ ମିନି ଷ୍ଟାଡିୟମଠାରେ କଂଗ୍ରେସର ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଭାଜପାର ରାଜ୍ୟ ସଦସ୍ୟ ତଥା ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି, କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗି ବିଧାୟକ ପିତମ ପାଢ଼ୀ, ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ପ୍ରଫୁଲ୍ଲ ପାଙ୍ଗି, ମାଲକାନଗିରି ଜିଲାର ପୂର୍ବତନ ବିଧାୟକ ନିମାଇ ସରକାର ପ୍ରମୁଖ ଶନିବାର ଏକାଠି ବୈଠକ କରିଥିଲେ। ତେବେ ଏହି ତିନି ଦଳର କର୍ମୀ ଓ ପ୍ରାର୍ଥୀଙ୍କ ଛଡ଼ା ଆଉ କେହି ଉପସ୍ଥିତ ନ ଥିବା ଦେଖିବାକୁ ମିଳିଥିଲା। ଫଳରେ ସର୍ବଦଳୀୟ କମିଟିର ଆଭିମୁଖ୍ୟ କଣ ରହିଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହେଉ ନ ଥିବା ସାଧାରଣରେ ଆଲୋଚନା ହେଉଛି। ଅନ୍ୟ ପକ୍ଷରେ ସର୍ବଦଳୀୟ ବୈଠକରେ କୋଟିଆ ପଞ୍ଚାୟତ ପାଇଁ ନିର୍ବାଚନକୁ ଓହ୍ଲାଇଥିବା ୭ ଜଣ ସରପଞ୍ଚ ପ୍ରାର୍ଥୀଙ୍କ ମଧ୍ୟରୁ ତିନି ଜଣ ଉପସ୍ଥିତ ଥିଲେ।




ସର୍ବଦଳୀୟ କମିଟିର ବୈଠକରେ ଉପସ୍ଥିତ ୩ ଦଳର ନେତା ଓ ପ୍ରାର୍ଥୀ।

**ଜୋନ-୧ ଜିଲା ପରିଷଦ ସଭ୍ୟ**

# ନାଲକୋରେ ମହାତ୍ମାଗାନ୍ଧୀଙ୍କ ପୁଣ୍ୟତିଥି ପାଳିତ



ନାଲକୋ ଅଧିକାରୀମାନେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

ଦାମନଯୋଡି, ୩୦।୧(ଡି.ଏନ.ଏ.)– ନାଲକୋ ଖଣି ଓ ପରିଶୋଧନ ପ୍ରକଳ୍ପ ପକ୍ଷରୁ ଶହୀଦ ଦିବସ ତଥା ମହାତ୍ମାଗାନ୍ଧୀଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। ଏହି ଅବସରରେ ସେକ୍ଟର-୩ସ୍ଥିତ ମହାତ୍ମା ଗାନ୍ଧୀ ପାର୍କରେ ଏକ କାର୍ଯ୍ୟକ୍ରମ ହୋଇଥିଲା। ନାଲକୋ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶୀଲ ପାଢ଼ୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଅବଦାନ, ଦେଶଭକ୍ତି, ତ୍ୟାଗ ଏବଂ ବଳିଦାନର ସ୍ମୃତିଚାରଣ କରିଥିଲେ। ସମୂହ ମହାପ୍ରବନ୍ଧକ ଭୀମସେନ ପ୍ରଧାନ, ସିଏଚ ପ୍ରମୋଦ ପାତ୍ର, ଅରୁଣ ଦାସ, ନେତ୍ରାନନ୍ଦ ମହାରଣା, ବିକାଶ ପଣ୍ଡା, ବ୍ରଜ କିଶୋର ଦାଶ, ରସିଦ ୱାରିସ, ପିକେ ବେହେରା ଓ ଭାରପ୍ରାପ୍ତ ସମୂହ ମହାପ୍ରବନ୍ଧକ ମଣି ପ୍ରସାଦ ସାମଲଙ୍କ ସହ ବିଭିନ୍ନ ଶ୍ରମିକ ସଙ୍ଗଠନ, ୟୁନିୟନ ଓ ଆସୋସିଏସନର କର୍ମକର୍ତ୍ତାମାନେ ଯୋଗ ଦେଇ ମହାତ୍ମାଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ଶହୀଦଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉଦ୍ୟାନ ବିଭାଗ ବରିଷ୍ଠ ପ୍ରବନ୍ଧକ ମନୋରଞ୍ଜନ ରଥ, ଅଧିକାରୀ ସଞ୍ଜୀବ କର ଉପସ୍ଥିତ ଥିଲେ।

# ଧର୍ମଘଟ ସଫଳ କରିବାକୁ ଆହ୍ୱାନ




ବୈଠକରେ ମଞ୍ଚାସୀନ ଅତିଥିମାନେ।

ସେମିଳିଗୁଡ଼ା/ସୁନାବେଡ଼ା, ୩୦।୧(ସ୍ୱ.ପ୍ର.)

**ନିର୍ମାଣ ଶ୍ରମିକ ୟୁନିୟନ ସମ୍ମିଳନୀ**

ନିର୍ମାଣ ଶ୍ରମିକ ୟୁନିୟନର ମିଳିତ ବୈଠକ ପଦଲାମ କୁଳଦୀପଙ୍କ ସଭାପତିତ୍ୱରେ ସେମିଳିଗୁଡ଼ା ମଶାଣି ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଫରେଷ୍ଟ ଉଡ୍ ଏଗ୍ରିକଲଚର ଆଣ୍ଡ ବିଲ୍‌ଡିଂ କନ୍‌ଷ୍ଟ୍ରକଶନ ୱାର୍କର୍ସ ୟୁନିୟନ ଜିଲା ଆବାହକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏଆଇଟିୟୁସି ରାଜ୍ୟ ଉପସାଧାରଣ ସମ୍ପାଦକ ତଥା ନିର୍ମାଣ ଶ୍ରମିକ ୟୁନିୟନ ସମନ୍ୱୟ କମିଟି ରାଜ୍ୟ ଆବାହକ ବିଜୟ ଜେନା ନିର୍ମାଣ ଶ୍ରମିକଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ନାଲ୍‌କୋ ଘରୋଇକରଣ ବନ୍ଦ, ଦରଦାମ ବୃଦ୍ଧିକୁ ବିରୋଧ, ବିମୁଦ୍ରୀକରଣ ନାମରେ କେନ୍ଦ୍ର ସରକାର ରାଷ୍ଟ୍ରୀୟ ଉଦ୍ୟୋଗ ବିକ୍ରି କରିବା ବିରୋଧରେ ଆସନ୍ତା ମାର୍ଚ୍ଚ ୨୮ ଓ ୨୯ରେ ଦେଶବ୍ୟାପୀ ଧର୍ମଘଟକୁ ସଫଳ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ନିର୍ମାଣ ଶ୍ରମିକଙ୍କୁ ଘରୋଇ ବୈଷୟିକ ଶିକ୍ଷା ସହାୟତା, ନିରାପତ୍ତା ଉପକରଣ, ସାଇକେଲ, ଯନ୍ତ୍ରପାତି ସହାୟତା ପ୍ରଦାନ, ଶିକ୍ଷା ସହାୟତା ରାଶି ଅନ୍‌ଲାଇନ ସହ ମାନୁଆଲ ଫର୍ମ ଦାଖଲ ନିର୍ଦ୍ଦେଶନାମା ପ୍ରଦାନ ଓ ଅନ୍ୟାନ୍ୟ ଦାବିରେ ମିଳିତ ଆନ୍ଦୋଳନ ହେବ ବୋଲି ଆଲୋଚନା ହୋଇଛି। ରାଜ୍ୟସ୍ତରୀୟ ନିର୍ମାଣ ଶ୍ରମିକ ସମାବେଶରେ ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ଏଆଇଟିୟୁସି ନେତା ପ୍ରମୋଦ ମହାନ୍ତି, ରାଜମିସ୍ତ୍ରି ,ଲେବର ଓ ହେଲ୍‌ପର ସଂଘ ସଭାପତି ଡାନିଆଲ ଖରା, କୁନା ଲଡୁ ବାରିକ, କୋରାପୁଟ ମଜଦୁର ସଂଘ ନେତା ସଲମାନ ଖରା, ନନ୍ଦପୁର ମହିମା ରାଜମିସ୍ତ୍ରି ୟୁନିୟନ ସଭାପତି ଜଗନ୍ନାଥ ଦିଶାରୀ, ସାମାଜିକ କର୍ମୀ ଅନନ୍ତ ଗାଡିଶାମ, ଚୈତନ୍ୟ ଗୁଣ୍ଟା,ତିରୁପତି ମାଝି, ତାରିଣୀ ମାଳି, ଶ୍ୟାମସୁନ୍ଦର ଗୁଣ୍ଟା, ଗୋବର୍ଦ୍ଧନ ହନ୍ତାଳ ପ୍ରମୁଖ ଉପସ୍ଥିତ ଥିଲେ।

# ପରଲୋକରେ ତଣ୍ଡିକି ସରପଞ୍ଚ, ବିଜେଡି କର୍ମୀ

ମାଲକାନଗିରି,୩୦।୧(ଡି.ଏନ.ଏ.)– ଦୀର୍ଘଦିନ ଧରି କର୍କଟ ରୋଗରେ ପୀଡିତ ଥିବା ମାଲକାନଗିରି ଜିଲା ତଣ୍ଡିକି ପଞ୍ଚାୟତର ସରପଞ୍ଚ ସୁକାନ୍ତି ମାଡକାମିଙ୍କ ରବିବାର ପରଲୋକ ହୋଇଯାଇଛି। ସେ ବିଜୁ ଜନତା ଦଳର ଜଣେ ବରିଷ୍ଠ କର୍ମୀ ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରିଆସୁଥିଲେ। ସେହିପରି ଧାଙ୍ଗଡାବଟା ଗ୍ରାମର ବିଜେଡିର ବରିଷ୍ଠ କର୍ମୀ ମୁକା କବାସୀଙ୍କ ମଧ ରବିବାର ପରଲୋକ ହୋଇଯାଇଛି। ଏନେଇ ଦଳୀୟ କର୍ମୀଙ୍କ ପକ୍ଷରୁ ଶୋକ ବ୍ୟକ୍ତ କରାଯିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଯାଇଛି। ଖବର ପାଇ ମାଲକାନଗିରି ପୂର୍ବତନ ବିଧାୟକ ମାନସ ମାଡକାମି, ଶିଖାପାଲି ଜିଲା ପରିଷଦ ପ୍ରାର୍ଥୀ ମୁକା ମାଡକାମି, ଚାଲାଣଗୁଡା ସରପଞ୍ଚ ପ୍ରାର୍ଥୀ ଅରକ୍ଷିତ ନାୟକ, ଚାଲାଣଗୁଡା ଜୋନ ସଂଯୋଜକ ପ୍ରଫୁଲ୍ଲ ପଣ୍ଡା, ଜୋନ ଉପ ସଭାପତି ଗାନ୍ଧୀ ପଣ୍ଡା, ଜୋନ ସମ୍ପାଦକ ଭଗବାନ ସାହୁ, ପର୍ଯ୍ୟବେକ୍ଷକ ଅଖିଳ ମଣ୍ଡଳ ପ୍ରମୁଖ ପହଞ୍ଚି ସମବେଦନା ଜଣାଇଥିଲେ ।

# ପରମିଶନ ନ ଥାଇ ମୂଲ୍ୟବାନ ପଟା ଚାଲାଣ ଅଭିଯୋଗ

କାଲିମେଲା,୩୦।୧(ଡି.ଏନ.ଏ)

ମାଲକାନଗିରି ଜିଲା କାଲିମେଲା ସଦର ମହକୁମାସ୍ଥିତ ଶିଶୁମନ୍ଦିର ବିଦ୍ୟାଳୟ ପଛପଟେ ଭଡା ଘରେ ରହୁଥିବା କାଲିମେଲା କେସିସି ବ୍ୟାଙ୍କ ମ୍ୟାନେଜର ଚୋରା କାଠପଟା ଚାଲାଣ କରୁଥିବା ଦେଖିବାକୁ ମିଳିଛି । ମ୍ୟାନେଜରଙ୍କ ଭଡାଘରୁ ପ୍ରାୟ ୩୦ ଖଣ୍ଡ ମୂଲ୍ୟବାନ ପଟା ଗାଡି ଯୋଗେ ନେଇଉଥିବା ଜଣାପଡିଛି। ବନବିଭାଗ ଏହା ଜାଣି ସୁଦ୍ଧା ନୀରବ ରହିଛି।

ଖବରରୁ ଜଣାପଡିଛି କେସିସି ବ୍ୟାଙ୍କ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ଦଶରଥ ବେହେରାଙ୍କ କାଲିମେଲାରୁ ଅନ୍ୟତ୍ର ବଦଳି ହୋଇଛି। ତେବେ ରବିବାର ଅପରାହ୍ନ ରେ ବେହେରା ରହୁଥିବା ଭଡାଘର ଛାଡିବା ସମୟରେ ୩୦ରୁ ଉର୍ଦ୍ଧ୍ୱ କାଠପଟା ମିନି ଟ୍ରକ (ଓଆର ୧୦ ସି ୯୩୦୯)ରେ ଲୋର୍ଡ କରୁଥିବା ସମୟରେ କେତେକ ଗଣମାଧମ ପ୍ରତିନିଧି ସେଠାରେ ପହଞ୍ଚିବାରୁ ମ୍ୟାନେଜର ବେହେରା ଜଣେ ଖବରଦାତାଙ୍କ ମୋବାଇଲ ଛଡାଇ ନେବାକୁ ଉଦ୍ୟମ କରିବା ସହ ଖବର ପ୍ରସାରଣ ନ କରିବାକୁ କହିଥିଲେ। କାଠପଟା ନେବା ପାଇଁ ତାଙ୍କ ପାଖରେ କାଗଜପତ୍ର ଥିବା ସେ କହିଥିଲେ। ମାତ୍ର ତାଙ୍କ ପାଖରେ କଣସବୁ କାଗଜପତ୍ର ରହିଛି ତାହା ସେ ଦେଖାଇ ନ ଥିଲେ। ତାଙ୍କର ବଡବଡ ଲୋକଙ୍କ ସହିତ ସମ୍ପର୍କ ରହିଛି, ତାଙ୍କର କେହି କିଛିକରିପାରିବେ ନାହିଁ ବୋଲି ବେହେରା ପ୍ରକାଶ କରିଥିଲେ। ତେବେ ବିଳମ୍ବରେ କାଲିମେଲା ବନପାଳ ସ୍ୱୟଂପ୍ରଭା ପ୍ରଧାନ ଏବଂ ଅନ୍ୟ କର୍ମଚାରୀ ସେଠାରେ ପହଞ୍ଚି କାଠପଟାଗୁଡିକ ଯାଞ୍ଚ କରିଥିଲେ। କିଛି କାର୍ଯ୍ୟାନୁଷ୍ଠାନ ନ ନେଇ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ ଉତ୍ତର ନଦେଇ କର୍ମଚାରୀମାନେ ସେଠାରୁ ଚାଲି ଯାଇଥିଲେ। ଏ ନେଇ କାଲିମେଲା ବନାଞ୍ଚଳ ଅଧିକାରୀ ସୁଶାନ୍ତ ଦଳାଇଙ୍କୁ ପଚାରିବାରୁ ସେ କହିଲେ ଯେ, ବେହେରା ପୁରୁଣା ଖଟ ନେବା ପାଇଁ ପରମିଶନ ମାଗିଥିଲେ। ମାତ୍ର ପରମିଶନ କପି ଗଣମାଧମ ପ୍ରତିନିଧିମାନେ ଦେଖିବାକୁ ଚାହିଁବାରୁ ସେ ଏହାକୁ ଏଡାଇ ଯାଇଥିଲେ। ଏଥିରୁ ବନ ବିଭାଗ ଓ ବ୍ୟାଙ୍କ ମ୍ୟାନେଜର ବେହେରାଙ୍କ ମଧ୍ୟରେ କିଛି ଭିତିରି ବୁଝାମଣା ହୋଇଥାଇପାରେ ବୋଲି ଆଲୋଚନା ହେଉଛି। ସୂଚନାଯୋଗ୍ୟ ପଟ୍ଟା ଚାଲାଣ ହେଉଥିବା ୪୦୭ ଗାଡିର ମଧ ଫିଟନେସ ନ ଥିବା ଜଣାପଡିଛି।



ବ୍ୟାଙ୍କ ମ୍ୟାନେଜର ୪୦୭ରେ ନେଉଥିବା ପଟା।

**ଘଟଣା ଜାଣି ବନ ବିଭାଗ ଚୁପ**

- ଖବରଦାତାଙ୍କ ମୋବାଇଲ ଛଡାଇ ନେବାକୁ ଉଦ୍ୟମ କଲେ
- ମୋର କେହି କିଛି କରିପାରିବେ ନାହିଁ
- ପରମିଶନ କପି ଦେଖାଇ ପାରିଲେନି ବନାଞ୍ଚଳ ଅଧିକାରୀ

